ଗ୍ରାମୀଣ କୃଷି ମୌସୁମୀ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଓ ୍ୈଷୈଷୟିକ ଫିଶ୍ୱଫିଦୟା□ୟ
ଭୁବନେଶ୍ୱର, ଓଡ଼ିଶା

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 17-04-2026**

**କେନ୍ଦ୍ରାପଡା(ଓଡିଶା) - :2026-04-17 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2026-04-18 | 2026-04-19 | 2026-04-20 | 2026-04-21 | 2026-04-22 |
|---|---|---|---|---|---|
| ବର୍ଷା (ମିମି) | 5.0 | 2.0 | 0.0 | 1.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 36.0 | 37.0 | 38.0 | 38.0 | 39.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 24.0 | 24.0 | 25.0 | 25.0 | 26.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 87 | 86 | 83 | 83 | 81 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 52 | 48 | 48 | 48 | 37 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 16 | 17 | 20 | 20 | 19 |
| ପବନର ଦିଗ (ଡିଗ୍ରୀ) | 208 | 200 | 208 | 208 | 222 |
| ମେଘାଛନ (ଅକ୍ଟା) | 4 | 2 | 1 | 2 | 1 |
| ସତର୍କବାଣୀ | ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି \|; ଗରମ ଦିନ | ଗରମ ଦିନ | ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି \|; ଗରମ ଦିନ | ଗରମ ଦିନ | ଗରମ ଦିନ |

## ପୂର୍ବାନୁମାନ ସାରାଂଶ:

ଭାରତୀୟ ପାଣିପାଗ ବିଭାଗ ର ପୂର୍ବନୁମାନ ଅନୁସାରେ, ଜିଲ୍ଲାରେ ଆଗାମୀ ସୋମବାର ଓ ବୁଧବାର ଦିନ ପାଗ ଶୁଖିଲା ଓ ଅନ୍ୟ ଦିନ ମାନଙ୍କରେ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ମୁଖ୍ୟତଃ ପରିଷ୍କାର ରୁ ଆଂଶିକ ମେଘୁଆ ରହିବାର ସମ୍ଭାବନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ପବନ ୧୬ – ୨୦ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୩୬ - ୩୯ °C ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୪ - ୨୬ °C ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

| |
|---|
| ଆଗାମୀ ଶନିବାର ଓ ସୋମବାର ଦିନ ବିଜୁଳି ଓ ଘଡଘଡି ର ସତର୍କତା ଚେତାବନୀ ରହିଥିବା ସହିତ ରବିବାର , ମଙ୍ଗଳବାର ଓ ବୁଧବାର ଦିନ ଅଧିକ ଗରମ ଅନୁଭୁତ ହେବାର ସମ୍ଭାବନା ରହିଛି । |

## ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
|  ଦିନର ତାପମାତ୍ରା ବୃଦ୍ଧି ସହ ଗ୍ରୀଷ୍ମଲହରୀ ପ୍ରବାହର ପୂର୍ବାନୁମାନ ଆଗାମୀ ରବିବାର, ମଙ୍ଗଳବାର ଓ ବୁଧବାର ଦିନ ରହିଥିବାରୁ, ଅଧିକ ଗରମ ସମୟରେ ( ଦିନ 12ଟା ରୁ 4ଟା) କାମ ନକରିବାକୁ ଏବଂ ଖରା ସମୟରେ ମୁଣ୍ଡ ଓ ବେକକୁ ଢାଙ୍କିବା ପାଇଁ ଚଉଡା ଟୋପି କିମ୍ବା କପଡ଼ା ବ୍ୟବହାର କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆ ଯାଉଅଛି ।  ଆଗାମୀ ଦିନରେ ତାପମାତ୍ରା ବୃଦ୍ଧି ହେବାର ସମ୍ଭାବନା ଥିବାରୁ ଗାଇଗୋରୁ, କୁକୁଡା ଓ ବତକ ଆଦିଙ୍କୁ ପର୍ଯ୍ୟାପ୍ତ ପରିଷ୍କାର ପିଇବା ପାଣି ଦିଅନ୍ତୁ ।  ଆଗାମୀ ଶନିବାର ଓ ସୋମବାର ଦିନ ବଜ୍ରପାତ ହେବାର ସମ୍ଭାବନା ରହିଛି । ତେଣୁ,ଚାଷୀ ଭାଇମାନଙ୍କୁ ବଜ୍ରପାତ ସମୟରେ ଖୋଲା ସ୍ଥାନ, ଗଛତଳେ, କିମ୍ବା ପାଣି ଥିବା ସ୍ଥାନ ନିକଟରେ ନ ରହିବାକୁ ପରାମର୍ଶ ଦିଆଯାଉଅଛି । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ । |

## ସାଧାରଣ ଉପଦେଶ:

| |
|---|
|  ମୁଗ, ବିରି, ଚିନାବାଦାମଫସଲଅମଳ ଉପଯୋଗୀ ହୋଇଥିଲେ ଅମଳ କରି ନିଅନ୍ତୁ ଓ ସୁରକ୍ଷିତ ସ୍ଥାନରେ ରଖନ୍ତୁ ।  ଦିନବେଳା ତାପମାତ୍ରା ଅଧିକ ରହୁଥିବା ରୁ ଫସଲ କୁ ସୁରକ୍ଷା କରିବା ପାଇଁ ଆବଶ୍ୟକ ଥିଲେ ଆଖୁ, ଖରାଟିଆ ମକା ଓ ପନିପରିବା ରେ ନିୟମିତ ଜଳସେଚନ କରନ୍ତୁ ।  ସୁବିଧା ଥିଲେ ଫଳବଗିଚା କିମ୍ବା ଅଧିକ ଚଉଡାରେ ବୁଣାଯାଇଥିବା ଫସଲରେ ବୁନ୍ଦା କିମ୍ବା ସିଞ୍ଚନ ଜଳସେଚନ କରନ୍ତୁ ।  ଆଖୁ ଗଛ ମୂଳ ଓଦା ରଖିବା ପାଇଁ ଶୁଖିଲା ପତ୍ର ଦ୍ୱାରା ନାଲି ଗୁଡିକୁ ଆଚ୍ଛାଦ କରନ୍ତୁ । ଗ୍ରୀଷ୍ମ ଋତୁରେ ଜଳାଭାବରୁ ଫସଲକୁ ରକ୍ଷା କରିବାପାଇଁ ଶତକଡା 4 ଭାଗ ପଟାସ୍ ସାର (1 ଲିଟର ପାଣିରେ 40 ଗ୍ରାମ୍ ପଟାସ୍ ସାର) ପତ୍ର ସିଂଚନ କରନ୍ତୁ ।  ସିଂଚନ ପ୍ରଣାଳୀରେ ଜଳସେଚନ କଲେ ଉଚ୍ଚ ତାପମାତ୍ରାର ପ୍ରଭାବ କମାଯାଇପାରିବ ।  ପାଣିର ଅଭାବ ଥିଲେ ଧାଡିକୁ ଧାଡି ଛାଡି ଜଳସେଚନ କରନ୍ତୁ । ଏହା ଦ୍ୱାରା ପ୍ରାୟ ଶତକଡା ୫୦ ଭାଗ ପାଣି ସଂଚୟ କରାଯାଇ ପାରିବ ।  ଅଧିକ ତାପମାତ୍ରା ସହିତ ମଝିରେ ମଝିରେ କାଳବୈଶାଖୀ ବର୍ଷା ଯୋଗୁଁ ବାଦାମି ଗୁଣ୍ଡି ପୋକ ବା ଚକଡା ପୋକ ଆକ୍ରମଣ ଅଧିକ ସମ୍ଭାବନା ଅଛି । ଏହି ପୋକ ର ଆର୍ଥିକ ଦେହଳୀ ସୀମାରେଖା ଅର୍ଥାତ ୫-୧୦ଟି ପୋକ ବୁଦା ପ୍ରତି ଦେଖା ଦେଲେ ଧାନ ଗଛ ର ସୂକ୍ଷ୍ମ ପରିବେଶ କୁ ବଦଳେଇବା ଆବଶ୍ୟକ । ଯେପରିକି ଜମିକୁ କିଛି ଦିନ ଆଦ୍ର ଓ କିଛି ଦିନ ଶୁଖିଲା କରିବା ଅର୍ଥାତ ଅଧିକ ସମୟ ପର୍ଯ୍ୟନ୍ତ ଜମିରେ ଠିଆ ପାଣି ରଖନ୍ତୁ ନାହିଁ ।  ବାଦାମି ଗୁଣ୍ଡି ପୋକ ଗୁଡିକ ର ପରିଚାଳନା ପାଇଁ ଅଧିକ ଜବକ୍ଷାରଜାନ ସାର ବ୍ୟବହାର ନକରି ସୁଷମ ସାର ପରିଚାଳନା କରନ୍ତୁ । ସୂର୍ଯାଲୋକ ଏବଂ ବାୟୁଚଳାଚଳ ପାଇଁ ପୂର୍ବ ରୁ ପଶ୍ଚିମ ଦିଗ କୁ ୬ ଫୁଟ ବ୍ୟବଧାନ ରେ ପାହି କରନ୍ତୁ ।  ବାଲିଆ କିମ୍ବା ବାଲିଆ ଦୋରସା ମାଟିରେ ପାଣିର ଅପବ୍ୟବହାର କମାଇବା ପାଇଁ ଜଳସେଚନ ନାଳିରେ ପାଣି ମଡାଇବା ପୂର୍ବରୁ ପଲିଥିନ୍ ବିଛାଇ ଦିଅନ୍ତୁ ।  ଖରା ସମୟରେ ବାହାରକୁ ବାହାରୁଥିଲେ, ଓଦା ଗାମୁଛା କିମ୍ବା ଛତା ବ୍ୟବହାର କରନ୍ତୁ।ଠିକ ସମୟରେପାଣି ପିଅନ୍ତୁ।  ଦିନର ତାପମାତ୍ରା ବୃଦ୍ଧି ସହ ଗ୍ରୀଷ୍ମଲହରୀ ପ୍ରବାହର ପୂର୍ବାନୁମାନ ଆଗାମୀ ରବିବାର, ମଙ୍ଗଳବାର ଓ ବୁଧବାର ଦିନ ରହିଥିବାରୁ, ଅଧିକ ଗରମ ସମୟରେ ( ଦିନ 12ଟା ରୁ 4ଟା) କାମ ନକରିବାକୁ ଏବଂ ଖରା ସମୟରେ ମୁଣ୍ଡ ଓ ବେକକୁ ଢାଙ୍କିବା ପାଇଁ ଚଉଡା ଟୋପି କିମ୍ବା କପଡ଼ା ବ୍ୟବହାର କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆ ଯାଉଅଛି ।  ଆଗାମୀ ଦିନରେ ତାପମାତ୍ରା ବୃଦ୍ଧି ହେବାର ସମ୍ଭାବନା ଥିବାରୁ ଗାଇଗୋରୁ, କୁକୁଡା ଓ ବତକ ଆଦିଙ୍କୁ ପର୍ଯ୍ୟାପ୍ତ ପରିଷ୍କାର ପିଇବା ପାଣି ଦିଅନ୍ତୁ ।  ଆଗାମୀ ଶନିବାର ଓ ସୋମବାର ଦିନ ବଜ୍ରପାତ ହେବାର ସମ୍ଭାବନା ରହିଛି । ତେଣୁ,ଚାଷୀ ଭାଇମାନଙ୍କୁ ବଜ୍ରପାତ ସମୟରେ ଖୋଲା ସ୍ଥାନ, ଗଛତଳେ, କିମ୍ବା ପାଣି ଥିବା ସ୍ଥାନ ନିକଟରେ ନ ରହିବାକୁ ପରାମର୍ଶ ଦିଆଯାଉଅଛ |

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
|  ଖରା ସମୟରେ ବାହାରକୁ ବାହାରୁଥିଲେ, ଓଦା ଗାମୁଛା କିମ୍ବା ଛତା ବ୍ୟବହାର କରନ୍ତୁ । ଠିକ ସମୟରେ ପାଣି ପିଅନ୍ତୁ । |

**ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | □ ଗଳା ମହିଷା- ବର୍ତମାନ ସମୟରେ ଦିନ ଏବଂ ରାତି ର ତାପମାତ୍ରା ମଧରେ ପାର୍ଥକ୍ୟ ରହୁ ଥିବାରୁ ଧାନ ଫସଲ ରେ ଗଳା ମହିଷା ରୋଗ ଲାଗିବାର ସମ୍ଭାବନା ରହଛି । ଧାନ ଫସଲରେ ଗଳା ମହିଷା ରୋଗର ପରିଚାଳନା ପାଇଁ ଏକର ପ୍ରତି ୨୦୦ ମି.ଲି hexaconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମି.ଲିAzoxystrobin ଏବଂ Difenoconazole ର ମିଳିତ ଫିମ୍ପିନାଶକ କିମ୍ବା ୮୦ ଗ୍ରାମ Tebuconazole ଏବଂ Trifloxystrobin ର ମିଳିତ ଫିମ୍ପିନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । □ କେଣ୍ଡା ଅଷ୍ଟପଦୀ- ଧାନ ଫସଲ ରେ କେଣ୍ଡା ଅଷ୍ଟପଦୀ ପୋକ ର ନିରାକରଣ ପାଇଁ ଏକର ପ୍ରତି Diafenthiuran @ ୪୦୦ ଗ୍ରାମ କିମ୍ବା Spiromesifen @ ୨୦୦ ମିଲି କିମ୍ବା Fenpyroximate @ ୪୦୦ ମିଲି, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| ଆଖୁ | □ ଆଖୁ ଫସଲ ରେ ସଅଳ କାଣ୍ଡ ବିନ୍ଧା ପୋକ ର ପରିଚାଳନା ପାଇଁ ଗ୍ରୀଷ୍ମ ଋତୁ ରେ ନିୟମିତ ଭାବରେ ଜଳସେଚନ କରନ୍ତୁ । ମାଟି ଶୁଖିଲା ରହିବା ଅନୁଚିତ। ପୋକ ଓ ଅଣ୍ଡାପୁଞ୍ଜ ଗୁଡିକୁ ହାତରେ ଧରି ନଷ୍ଟ କରି ଦିଅନ୍ତୁ । ଆକ୍ରାନ୍ତ ପିଲ ଗୁଡିକୁ ମାଟି ତଳୁ କାଟି ଦୂରରେ ନଷ୍ଟ କରି ଦିଅନ୍ତୁ । ପ୍ରଥମ ଥର ହୁଡା ଟେକିବା ସମୟରେ ମାଟରେ ଏକର ପ୍ରତି ୧୦ କିଲୋଗ୍ରାମ Fipronil ନାମକ ଦାନାଦାର କୀଟନାଶକ ପ୍ରୟୋଗ କରନ୍ତୁ। ପୋକ ଆକ୍ରମଣ ଅଧିକ ଦେଖାଦେଲେ ଏକର ପ୍ରତି ୬୦୦ ମିଲି Fipronil ନାମକ କୀଟନାଶକ କିମ୍ବା ୪୦୦ ମିଲି Profenophos ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |

**ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଭେଣ୍ଡୀ | □ ବର୍ତମାନ ସମୟରେଭେଣ୍ଡି ଫସଲ ରେଶୋଷକ ଜାତୀୟ କୀଟ ଯଥା ଜଉ ପୋକ, ପତ୍ରଡିଆଁ ପୋକ, ପତ୍ର ଉକୁଣି ପୋକ ଏବଂ ଧଳା ମାଛି ଲାଗିବାର ସମ୍ଭାବନା ରହିଛି । ଏହି ପୋକ ଗୁଡିକର ପରିଚାଳନା ପାଇଁପ୍ରାଥମିକଅବସ୍ଥାରେ ଏକର ପ୍ରତି ୬୦୦-ମି.ଲି ନିମ୍ବଜାତୀୟ କୀଟନାଶକ ୧୫୦୦ପିପିଏମ କୁ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।ରାସାୟନକି ଉପାୟରେ ଏହି କୀଟ ଗୁଡିକ ର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା୫୦-ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା୪୦୦ -ମିଲି Tolfenpyrad ନାମକ କୀଟନାଶକ, ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| କାକୁଡି | □ ଫଳମାଛି ଫଳମାଛିର ପରିଚାଳନା ପାଇଁ ପ୍ରଥମେ ୪ ଲିଟର ପାଣିରେ ୪୦୦- ଗ୍ରାମ ଗୁଡ ଓ ୮-ମିଲି malathion ବା DDVP କୀଟନାଶକ ମିଶାଇ ବିଷଥୋପ ପ୍ରସ୍ତୁତ କରନ୍ତୁ । ଏହି ବିଷଥୋପ କୁ ଏକ ଏକର କଖାରୁ ଜାତୀୟ ପନିପରିବା ଫସଲ ରେ୮୦ଟି ସ୍ଥାନରେ ଛୋଟ ସଢେଇ କିମ୍ବା ମାଟିରେ କିମ୍ବା ପ୍ଲାଷ୍ଟିକ କପ ରେ ରଖିଗଛ ମୂଳ ରେ ରଖନ୍ତୁ। ଏହା କରିବା ଦ୍ୱାରା ଫଳମାଛି ଗୁଡିକ ଏହି ବିଷଥୋପ ପ୍ରତି ଆକୃଷ୍ଟ ହୋଇ ଆସି ସେଥିରେ ପଡିମରିଯିବେ । |
| ଅମୃତଭଣ୍ଡା | □ ପାଉଁଶିଆ ରୋଗ ଓ କଳା ଦାଗ : ବର୍ତମାନ ତାପମାତ୍ରା ର ବୃଦ୍ଧି ହେତୁ ପାଉଁଶିଆ ଓ କଳା ଦାଗ ରୋଗ ଦେଖା ଦେଇପାରେ । ନିୟନ୍ତ୍ରଣ ପାଇଁ ଥିଓଫେନେଟ ମିଥାଇଲ ୭୦% ଡବ୍ଲୁ .ପି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| | □ ଛୁଇଁବିନ୍ଧା ପୋକର ଦମନ ପାଇଁ ଏକର ପ୍ରତି ୮୦ ଗ୍ରାମ କ୍ରୀୟାଶୀଳ ସାଇପରମେଥ୍ରୀନ୍ 15 ଦିନ ଅନ୍ତରରେ 2 ଥର ପ୍ରୟୋଗ କରନ୍ତୁ I |
| ତରବୁଜ | □ ତରଭୁଜର ଅମଳ ସମୟ ଜାଣିବା ପାଇଁ ଫଳଟିକୁ ହାତରେ ବାଡେଇଲେ ଡଲ କିମ୍ବା ଢୋପ ଶବ୍ଦ ହୋଇଥାଏ । ଶବ୍ଦ ଜଣା ପଡିଲେ କିମ୍ବା ହଳଦିଆ ରଙ୍ଗ ଦେଖା ଦେଲେ ଫଳ କୁ ଅମଳ କରିନିଅନ୍ତୁ । |
| ମରିଗଲଦ | □ ନାଲି ବୁଢିଆଣୀ ଅଷ୍ଟପଦୀ ପରିଚାଳନା- ଗେଣ୍ଡୁ ଓ ଗୋଲାପ ଗଛ ରେ ନାଲି ବୁଢିଆଣୀ ଅଷ୍ଟପଦୀର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨-ଗ୍ରାମ sulphur ସେଚିତ ଗୁଣ୍ଡ କିମ୍ବା ୨-ମିଲି Propargite ନାମକ କୀଟନାଶକ କିମ୍ବା ୨-ମିଲି Fenpyroximate ନାମକ କୀଟନାଶକ, ମିଶାଇ ସିଂଚନ କରନ୍ତୁ । |

**ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ କାର୍ପ | ବର୍ତମାନ ସମୟରେ ଦିନର ତାପମାତ୍ରା ବଢିବା ସହ ସହ ଗ୍ରୀଷ୍ମ ଲହରୀ ପ୍ରବାହ ହେଉଥିବାରୁ ପୋଖରୀ ର ଜଳର ଗଭୀରତା ସତେଜ ପାଣି ଭର୍ତି କରି ୧ ମିଟର ବଢ଼ାଇ ଦିଅନ୍ତୁ । ଦାନା ର ପରିମାଣ ୧୦ ରୁ ୨୦ ପ୍ରତିଶତ କମ କରିଦିଅନ୍ତୁ ଏବଂ ପୋଖରୀ ଭିତରକୁ ଥଣ୍ଡା ପାଣି ପ୍ରବେଶ ପାଇଁ ବ୍ୟବସ୍ଥା କରନ୍ତୁ ଯେପରିକି ପାଣିର ତାପମାତ୍ରା ୧୩ ରୁ ୧୮ ଡିଗ୍ରୀ ସେଲସିୟସ ବଜାୟ ରହିବ । |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | କୁକୁଡା ଓ ବତକ ମାନଙ୍କ ଗୃହ ପରିଚାଳନା ଖରା ଦାଉରୁ କୁକୁଡା ଓ ବତକ ମାନଙ୍କ ମାଂସ, ଅଣ୍ଡା ଉତ୍ପାଦନ କ୍ଷମତା କମିଯାଏ ଓ ଅନେକ ସମୟରେ କୁକୁଡା, ବତକ ମାନେ ମୃତ୍ୟୁ ବରଣ କରିଥାନ୍ତି । ଖରା ଦାଉ ରୁ ରକ୍ଷା କରିବା ପାଇଁ କୁକୁଡା ଓ ବତକ ଘର ତିଆରି କଲା ବେଳେ ଧ୍ୟାନ ଦେବେ ଯେପରି ଘର ଭିତର କୁ ସିଧା ଖରା ପଡୁନଥିବ, ମୁକ୍ତ ବାୟୁ ଚଳାଚଳ କରୁଥିବ,ଘର ର ଛପର ଉଚ୍ଚା ଓ ପାର୍ଶ୍ଵ କାନ୍ଥ ନିଚା ଥିବା ଛପର ଉପରେ କଖାରୁ ଭଳି ଲତା ଜାତୀୟ ଗଛ ମଡାନ୍ତୁ ଓ ଦିନ ବେଳା ପାଣି ଛିଞ୍ଚନ୍ତୁ। କୁକୁଡା ଓ ବତକ ମାନଙ୍କ ଉପରେ ପାଣି ସିଞ୍ଚନ କରନ୍ତୁ କିନ୍ତୁ ଧ୍ୟାନ ଦିଅନ୍ତୁ ଲିଟର ଯେମିତି ବେଶି ଓଦା ନ ହୁଏ। ଓଦା ଅଖା କୁ କୁକୁଡା ଓ ବତକ ଘର ଜାଲି ଉପରେ ଟାଙ୍ଗୀ ଦେଲେ ଘର ଥଣ୍ଡା ରହିଥାଏ। ଲିଟର କୁ ବାରମ୍ବାର ଘାଣ୍ଟିବା ଦରକାର କାରଣ ଏହା ଦିନ ବେଳା ଉତ୍ତାପ ଧାରଣ କରିଥାଏ ଓ ଘର ଭିତରେ ଅଧିକ ଗରମ ପରିବେଶ ସୃଷ୍ଟି କରିଥାଏ। ଘର ଚାରିପଟେ ବହଳିଆ ପତ୍ର ଥିବା ଗଛ ଲଗାଇବା ଉଚିତ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| ନାହିଁ |

## ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

| |
|---|
| ନାହିଁ |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**